visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK — पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.226 Bhubaneswar Wednesday, October 27, 2021 | ୨୪ତମ ବର୍ଷ ସଂଖ୍ୟା-୨୨୬ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ମନୋଜ ରଞ୍ଜନ ନାୟକଙ୍କ ଉପସ୍ଥିତିରେ କୁଳ ସଚିବ ପ୍ରଫେସର ବି.ବି. ପ୍ରଧାନ ଓ ଆଇସିଏଆର (ସିଆଇଡବ୍ଲ୍ୟୁଏ)ର ନିର୍ଦ୍ଦେଶକ ଡକ୍ଟର ଅନିଲ କୁମାରଙ୍କ ଦ୍ୱାରା ସହଯୋଗୀ ଅନୁସନ୍ଧାନ ଓ ବିସ୍ତାର ଚୁକ୍ତି ସ୍ୱାକ୍ଷରିତ

# ଗୋଟିଏ ଦିନରେ ୪୩୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୬।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୩୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୯୨୬୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୬ ହଜାର ୨୭୭ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୬୨୩ ରହିଛି। ଆଜି ଚିହ୍ନଟ ହୋଇଥିବା ୪୩୩ ଜଣଙ୍କ ମଧ୍ୟରୁ ୨୫୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୦୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪, ବାଲେଶ୍ୱରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୬, ଭଦ୍ରକରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୩୬ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରୁ ୨, ଜଗତସିଂହପୁର ଜିଲ୍ଲାରୁ ୧୪ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ା ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଖୋର୍ଦ୍ଧାରୁ ୨୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ନଭେମ୍ବର ୧୬ରୁ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ଚେତାବନୀ

ଭୁବନେଶ୍ୱର, ୨୬।୧୦(ପି.ଏନ): ରାଜ୍ୟରେ ଘରୋଇ ବସ୍ କ୍ଷତିରେ ଚାଲୁଛି। ତୈଳ ଦର ବୃଦ୍ଧି ଯୋଗୁଁ ସାଧାରଣ ଲୋକ ଅସ୍ତବ୍ୟସ୍ତ। ତେଲ ଦର କମ୍ କରିବା ପାଇଁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ସରକାରଙ୍କୁ ମହଲତ ଦିଆଯାଇଛି। ଏହା ମଧ୍ୟରେ ତେଲ ଦର ନ କମିଲେ ନଭେମ୍ବର ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ରାଜ୍ୟ ଘରୋଇ ବସ୍ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ଆଜି ରାଜ୍ୟ ଘରୋଇ ବସ୍ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକ ପରେ ଏପରି ଚେତାବନୀ ଦିଆଯାଇଛି।ସେ କହିଛନ୍ତି, ତେଲ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷର ଦାମ୍ ବୃଦ୍ଧି ଯୋଗୁ ବସ୍ ଗୁଡ଼ିକ କ୍ଷତିରେ ଚାଲିଛି। ଏଥିପାଇଁ ସରକାରଙ୍କ ସହଯୋଗ ଦରକାର ରହିଛି। ସରକାର ତେଲ ଦାମ୍ କମ୍ କରିବା ସହ ଟ୍ୟାକ୍ସ କମ୍ କରନ୍ତୁ।

## ଅକ୍ଟୋବର ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ରାଜ୍ୟ ଗ୍ରନ୍ଥାଗାର

ଭୁବନେଶ୍ୱର, ୨୬।୧୦(ପି.ଏନ): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଜନୈକ କର୍ମଚାରୀ କୋଭିଡ୍ ସଂକ୍ରମିତ ହୋଇଥିବାରୁ ପାଠକ ଓ କର୍ମଚାରୀଙ୍କ ନିରାପତା ଦୃଷ୍ଟିରୁ ଏହାକୁ ବିଶୋଧନ କରାଯିବ। ଏଥି ନିମନ୍ତେ ଆସନ୍ତାକାଲି ୨୭ ତାରିଖ(ବୁଧବାର)ଠାରୁ ୩୧ ତାରିଖ(ରବିବାର) ପର୍ଯ୍ୟନ୍ତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ବନ୍ଦ ରହିବ। ଏଣୁ ପାଠକମାନେ ପାଠାଗାରକୁ ନଆସିବାକୁ ଭାରପ୍ରାପ୍ତ ଅଧିକାରୀ ପ୍ରେସ ବିବୃତି ଜରିଆରେ ସମସ୍ତଙ୍କୁ ଅବଗତ କରାଇଛନ୍ତି।

## ଭୁବନେଶ୍ୱରରୁ ୧୪୯ ପଜିଟିଭ୍

ଭୁବନେଶ୍ୱର, ୨୬।୧୦(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୧୪୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୧୦ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୨୫୭

## ଶିକ୍ଷୟିତ୍ରୀ ମମତା ମେହେର ହତ୍ୟାକାଣ୍ଡ ଘଟଣାରେ କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତଳିକା ଦାହ ଓ ପ୍ରତିବାଦ ସଭା

ଖୋର୍ଦ୍ଧା, ୨୬।୧୦(ପି.ଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ନୂଆ ବସଷ୍ଟାଣ୍ଡ ଟ୍ରାଫିକ ଛକ ରାସ୍ତା ଉପରେ ଶିକ୍ଷୟିତ୍ରୀ ମମତା ମେହେର ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀଙ୍କ କୁଶ ପୁତଳିକା ଦାହ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହୋଇଥିବା ବେଳେ ବିଜେଡି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ବହୁ ମନ୍ତ୍ରୀ ଓ ନେତା ସାମିଲ ହୋଇଛନ୍ତି।ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ସିବିଆଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା।ଏଥିରେ ଜଟଣୀ ବିଧାୟକ ସୁର ରାଉତରାୟ, ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡା, ସମ୍ପାଦିକା ନିରୁପମା ମହାପାତ୍ର, ପ୍ରଦେଶ କମିଟି ସଭ୍ୟ ଶିଶିର ପରିଡା, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି, ପ୍ରଦୀପ କୁମାର ସ୍ୱାଇଁ, ବିଶ୍ୱଭୂଷଣ ଛୋଟରାୟ, ସଞ୍ଜୟ ପଟ୍ଟନାୟକ, ପ୍ଲାବନ ପଟ୍ଟନାୟକ ଓ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ କ୍ୟାପଟେନ ଶ୍ରୀ ମିଶ୍ରଙ୍କ କୁଶ ପୁତଳିକା ଦାହ ପରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ। ଏହି ଛକରେ ପ୍ରତିବାଦ ସଭାର ଆୟୋଜନ ହୋଇଥିବାରୁ ଉଭୟ ପାର୍ଶ୍ୱରେ ମୋଟରଯାନଗୁଡିକ ଯାତାୟତରେ ଏକପ୍ରକାର ଠପ ହୋଇଯାଇଥିଲା।


FIFA-KISS Partnership
FIFA Foundation
KISS — Kalinga Institute of Social Sciences
Launch Ceremony
FIFA Football for Schools
(First Such Initiative in India)
at
Kalinga Institute of Social Sciences (KISS), Bhubaneswar



Virtual Launch by
Shri Naveen Patnaik
Hon'ble Chief Minister of Odisha

Gracious Presence
Shri Tusharkanti Behera
Hon'ble Minister, Sports & Youth Services and Electronics & Information Technology, Govt. of Odisha
Prof. Achyuta Samanta
Hon'ble Member of Parliament (Kandhamal) & Founder, KIIT & KISS
Shri R. Vineel Krishna, IAS
Commissioner cum Secretary, Sports & Youth Services Department, Govt. of Odisha
Mr. Kushal Das
General Secretary - AIFF
Shri Debashish Samantaray
President - Football Association of Odisha
Shri Ashirbad Behera
Secretary - Football Association of Odisha

Virtual Presence
Dr. Nik Gugger
Hon'ble MP, Switzerland
Mr. Gianni Infantino
President, FIFA
Mr. Youri Djorkaeff
CEO - FIFA Foundation
Mr. Alexandre Gros
Project Leader - FIFA Football for Schools

FIFA Officials
Ms Alexandra Huete
Mr. Antonio Buenano
Mr. Alberto Giacomini

Venue: KIIT Football Stadium, Bhubaneswar | Date: 27th October 2021
Watch LIVE on Kalinga TV from 10:00AM- 11:00AM



APPOINTMENT

THE KALINGA CHRONICLE — Popular people's Daily of Odisha
ପର୍ଯ୍ୟବେକ୍ଷକ — PARYABEKHYAK

Paryabekhyak and The Kalinga Chronicle Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

Paryabekhyak Odisha & Kalinga Chronicle TV

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reporter/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାଂସ୍ଥ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଗ୍ରାମାଂଚଳରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର (ପିଆଇବି): ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ହେଉଛି ରାଷ୍ଟ୍ରର ପ୍ରାଥମିକ କର୍ତବ୍ୟ। ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ପ୍ରାଥମିକ ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି। ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ସକାଶେ କେନ୍ଦ୍ର ସରକାର ୨୦୦୫ରେ ଆରମ୍ଭ କରିଥିଲେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ। ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଏବଂ ସମସ୍ତଙ୍କୁ ସୁହାଇବା ପରି ସେବା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ସରକାରଙ୍କ ପଦକ୍ଷେପକୁ ସହାୟତା କରିବା ଥିଲା ଏହି ଯୋଜନାର ଆଭିମୁଖ୍ୟ।

ସମ୍ପ୍ରତି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ଦୁଇଟି ଉପବିଭାଗ କାର୍ଯ୍ୟକରୁଛି। ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରଙ୍କ ପଦକ୍ଷେପକୁ ସହାୟତା ଦେଇଆସୁଛନ୍ତି କେନ୍ଦ୍ର ସରକାର। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଯେପରି ସୁସଂହତ ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ପାର୍ବତ୍ୟ ଓ ମରୁଭୂମି ଇଲାକାରେ ସ୍ୱାସ୍ଥ୍ୟ ସେବା ନେଇ ବିଭିନ୍ନ ଉନ୍ନତମାନର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସହଯୋଗ କରିଆସୁଛନ୍ତି। ଅଦ୍ୟାବଧି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ୨.୮୯ ଲକ୍ଷ ଅତିରିକ୍ତ ମାନବ ସମ୍ବଳ ପ୍ରଦାନ କରାଯାଇଥିବାବେଳେ ୩୦୮୦୫ଟି ନୂଆ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହାବାଦ୍ ୩୨୮୫୬ଟି ଆଧୁନିକୀକରଣ ଓ ଉନ୍ନୀତକରଣ କାର୍ଯ୍ୟ କରାଯାଇଛି।

ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ନିୟୋଜିତ ହୋଇଛନ୍ତି ୧୧୦୬ ମୋବାଇଲ ମେଡିକାଲ ୟୁନିଟ। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଗ୍ରାମୀଣ ଇଲାକାରେ ସର୍ବସାଧାରଣ ସ୍ୱାସ୍ଥ୍ୟ ସେବା ନିମନ୍ତେ ମାନବ ସମ୍ବଳର ଯଥେଷ୍ଟ ବ୍ୟବସ୍ଥା କରାଯାଇଥିବାବେଳେ ଗ୍ରାମୀଣ ଓ ଦୁର୍ଗମ ଇଲାକାରେ ସ୍ୱାସ୍ଥ୍ୟ ସେବା ଲାଗି ଏହି ମିଶନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଗ୍ରାମୀଣ ଓ ଦୁର୍ଗମ ଇଲାକାରେ କାର୍ଯ୍ୟକରିବା ପାଇଁ ଯେପରି ଡାକ୍ତରମାନେ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ସେମାନଙ୍କୁ ଅଧିକ ଭତା ଦିଆଯାଉଥିବାବେଳେ ସରକାରୀ ଆବାସ ମଧ୍ୟ ଯୋଗାଇଦିଆଯାଉଛି। ଏଥିପାଇଁ ସ୍ନାତକୋତର ମେଡିକାଲ ଶିକ୍ଷା ନିୟାମକ, ୨୦୦୦କୁ ସଂଶୋଧନ କରାଯାଇଛି। ଏହି ନିୟାମକ ଅନୁସାରେ ଯେଉଁ ସରକାରୀ ଡାକ୍ତରମାନେ ଗ୍ରାମୀଣ ଓ ଦୁର୍ଗମ ଇଲାକାରେ ଅତିକମରେ ୩ବର୍ଷ ନିୟୋଜିତ ରହିଥିବେ ସେମାନଙ୍କୁ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଲାଗି ରାଜ୍ୟଗୁଡ଼ିକୁ ପର୍ଯ୍ୟାପ୍ତ ସହଯୋଗ କରାଯାଉଛି ଏବଂ ମାଗଣାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନିମନ୍ତେ ରାଜ୍ୟଗୁଡ଼ିକ ଯେପରି ସକ୍ଷମ ହୋଇପାରିବେ ସେଥିପାଇଁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି।

ମାତୃକାଳୀନ ସ୍ୱାସ୍ଥ୍ୟ ସେବା, ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ପଲସ ପୋଲିଓ ଟିକାକରଣ ଅଭିଯାନ, ପରିବାର ନିୟୋଜନ ସେବା, ଶିଶୁ ସ୍ୱାସ୍ଥ୍ୟ ସେବା, ନବଜାତକଙ୍କ ସେବା, ସଂକ୍ରମିତ ରୋଗ ନିରାକରଣ, ମ୍ୟାଲେରିଆ, କଳାଜ୍ୱର, ବାତଜ୍ୱର, ଡେଙ୍ଗୁ, ଚିକୁନଗୁନିଆ ଆଦିର ମୁକାବିଲା, ଯକ୍ଷ୍ମା ନିୟନ୍ତ୍ରଣ, କୁଷ୍ଠ ରୋଗ ନିର୍ମୂଳ ଅଭିଯାନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମରେ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ତ୍ୱରିତ ଚିକିତ୍ସା ନିମନ୍ତେ ପଦକ୍ଷେପ ନିଆଯାଉଛି।

ଜନ୍ମ ସମୟରେ ରହିଥିବା ବିଭିନ୍ନ ସମସ୍ୟା, ରୋଗ, ଅଭାବ, ବିଳମ୍ବିତ ବିକାଶ ଆଦି ସମସ୍ୟାର ମୁକାବିଲା ନିମେନ୍ତ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ମାଗଣା ସର୍ଜରୀ କରାଯିବାର ବ୍ୟବସ୍ଥା ରହିଛି। ଏଥିସହ ଜାତୀୟ ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁସାରେ ପ୍ରତି ଗର୍ଭବତୀଙ୍କୁ ସରକାରୀ ହାସପାତାଳରେ ମାଗଣରେ ପ୍ରସବ କରାଇବା ଅବା ଆବଶ୍ୟକସ୍ଥଳେ ସିଜରିଆନ କରାଇ ହେବ। ଏହି କାର୍ଯ୍ୟକ୍ରମରେ ମାଗଣା ଔଷଧ ଓ ଆବଶ୍ୟକ ସରଂଜାମ, ମାଗଣା ରକ୍ତ, ମାଗଣା ପରୀକ୍ଷା ବ୍ୟବସ୍ଥା ରହିଛି। ସେମାନଙ୍କୁ ବି ମାଗଣା ଘରେ ଛାଡ଼ିବା ବ୍ୟବସ୍ଥା ରହିଛି। ଏପରିକି ପ୍ରସବ ପୂର୍ବବର୍ତୀ ଓ ପରବର୍ତୀ ସେବା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ମାଗଣା ଔଷଧ ପ୍ରଦାନ ଓ ରୋଗ ନିରୂପଣ ସେବା ପ୍ରଦାନ କରାଯାଉଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଗରିବ ଓ ଦୁର୍ବଳ ପରିବାରକୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି।

# କୋଣାର୍କ ନାଟ୍ୟମଣ୍ଡପରେ କୁମାର ଉତ୍ସବ-୨୦୨୧



କୋଣାର୍କ (ପିଏନ୍): କଳା ଓ ସଂସ୍କୃତିର ସଙ୍ଗମ ସ୍ଥଳି ବିଶ୍ୱ ଐତିହ୍ୟ ଅର୍କକ୍ଷେତ୍ରରେ ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଅନବଦ୍ୟ କଳାନୁଷ୍ଠାନ 'କୋଣାର୍କ ନାଟ୍ୟମଣ୍ଡପ' । ଏହି ଅନୁଷ୍ଠାନର ଶିକ୍ଷାର୍ଥୀ ଓ ଶିକ୍ଷାର୍ଥିନୀମାନଙ୍କ ଦ୍ୱାରା କୁମାର ଉତ୍ସବ ଅବସରରେ ଆୟୋଜିତ ହୋଇଥାଏ ଏକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ 'କୁମାରୋତ୍ସବ' । ଚଳିତ ବର୍ଷ ରବିବାର ସନ୍ଧ୍ୟାରେ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ନୃତ୍ୟ ଓ ସଙ୍ଗୀତର ସାଂସ୍କୃତିକ ଆସର 'କୁମାର ଉତ୍ସବ-୨୦୨୧' ଅନୁଷ୍ଠିତ ହୋଇଯାଇଛି । ଏହି ସାଂସ୍କୃତିକ ଉତ୍ସବକୁ ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହୀନିପତି, ସମାଜସେବୀ ରାଜେସଚନ୍ଦ୍ର ମହାନ୍ତି, ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସହଧର୍ମିଣୀ ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଘଣ୍ଟମର୍ଦ୍ଦଳ ଓ ଶଂଖ ଧ୍ୱନୀ ପରେ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । କୋଣାର୍କ ନାଟ୍ୟମଣ୍ଡପର ଶିକ୍ଷାର୍ଥୀ ଓ ଶିକ୍ଷାର୍ଥୀନୀମାନେ ଚଉରାବନ୍ଦନା, ଜହ୍ନରାତି, ଗୀତାଭିନୟ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ପଲ୍ଲୀନୃତ୍ୟ ପରିବେଷଣ କରି ଶିତୁଆ ସନ୍ଧ୍ୟାର ଆସରରେ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । କୋଣାର୍କ ନାଟ୍ୟମଣ୍ଡପର ଏହି ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଲୋକ ନୃତ୍ୟ ଉତ୍ସବର ଅପୂର୍ବ ସମାରୋହରେ ସିମୁନ, ସ୍ୱତପଦ୍ମା, ଜୟଶ୍ରୀ, ଆଦ୍ୟାଶା, ସାଇନା, ନିକିତା, ସୋନାଲି, ସୁଭାଷିନୀ, ସୁବାସି, ଶୁଭଲକ୍ଷ୍ମୀ, ବନ୍ଦିତା, ସୁଚିସ୍ନିଗଧା, ସାଇସୃତି, କ୍ରିତିକା, ଆୟାସା, ଲିସିତା, ସୂରିୟା, ଦିପୁ, ରଞ୍ଜିତ, ଜୟପ୍ରକାଶ, ସୌମ୍ୟଶ୍ରୀ, ଶ୍ରୀବାଂଶୀ ପ୍ରମୁଖ ନୃତ୍ୟ ପ୍ରଦର୍ଶନ କରିଥିଲେ । ଗୁରୁ ଲିଙ୍ଗରାଜ ସ୍ୱାଇଁ, ନୟନୀ ନାୟକ, କୁମାର ଟୁବୁଲା ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତରେ ଗୁରୁ ଜୟକୃଷ୍ଣ ନାୟକ, ମର୍ଦ୍ଦଳରେ ଗୁରୁ ବାବୁଲି ଭୁୟାଁ, ବେହେଲାରେ ବାନମ୍ବାର ସ୍ୱାଇଁ, ପ୍ରମୁଖ ଯନ୍ତ୍ରାଂଶରେ ସହଯୋଗ କରିଥିଲେ । କୋଣାର୍କ ନାଟ୍ୟ ମଣ୍ଡପର ଶୁଭଚିନ୍ତକ ତଥା କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ପୂର୍ବତନ ଅଧ୍ୟକ୍ଷା ସ୍ୱର୍ଗତ ରୁକ୍ମିଣୀ ଦେବୀଙ୍କ ସ୍ମୃତିରେ ଗତ ୨୩ ତାରିଖ ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀମାନଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା ଓ ସଂଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ପ୍ରତିଯୋଗୀ ଏବଂ କୁମାର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନୃତ୍ୟଶିଳ୍ପୀମାନଙ୍କୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରିଣୀ ନିଳିମା ପଟ୍ଟନାୟକଙ୍କ ଦ୍ୱାରା ମାନପତ୍ର ପ୍ରଦାନକରାଯାଇ ଉତ୍ସାହିତ କରିଥିଲା । ଏହି ଅବସରରେ ନୃତ୍ୟାଙ୍ଗନା ସିନ୍ଧୁ ବ୍ରାଉନଙ୍କ ଦ୍ୱାରା ଶିଶୁଙ୍କ ପାଇଁ ଲିଖିତ ଇଂରାଜୀ ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ବିଶ୍ୱଜିତ ବଳିଆର ସିଂହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କୋଣାର୍କ ନାଟ୍ୟମଣ୍ଡପର ନାଟ୍ୟମଣ୍ଡପର ସହ ସମ୍ପାଦକ ଗୁରୁପଦ ବଳିଆର ସିଂହ ସମ୍ପାଦକ ଶିବାଶୀଶ ପ୍ରଧାନ, କାର୍ଯ୍ୟନିର୍ବାହୀ ସଭାପତୀ ଡ. ରମଣୀରଞ୍ଜନ ଜେନା, ଉପସଭାପତି ପ୍ରସନ୍ନ ବେଉରିଆଙ୍କ ସମେତ ଅନ୍ତେବାସୀ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷର ଏହି କୁମାର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଖ୍ୟାତ ସ୍ଥପତି ପଦ୍ମଶ୍ରୀ ସ୍ୱର୍ଗତ ରଘୁନାଥ ମହାପାତ୍ର ଓ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ସ୍ୱର୍ଗତ ରୁକ୍ମିଣୀ ଦେବୀଙ୍କ ଉଦେଶ୍ୟରେ ସମର୍ପିତ କରାଯାଇଥିଲା ।

# ପରିବା ଦର ବୃଦ୍ଧି, ଗ୍ରାହକମାନେ ଅସନ୍ତୁଷ୍ଟ



ଧର୍ମଶାଳା (ପିଏନ୍): କାର୍ତ୍ତିକ ମାସ ଆରମ୍ଭରୁ ଧର୍ମଶାଳା ଅଞ୍ଚଳରେ ପନିପରିବା ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ଘଟିଛି । ବଜାରରେ ଏବେ ୭୦/୮୦ଟଙ୍କାରୁ କୌଣସି ପରିବା ଦର କମ୍ ନାହିଁ । ହଜାରେ ଟଙ୍କାରେ ବି ବ୍ୟାଗ୍ ପୁରୁନାହିଁ । ଏହାକୁ ନେଇ ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏପଟେ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନ ଗ୍ୟାସ୍‌ର ଦର କ୍ରମାଗତ ଭାବେ ବୃଦ୍ଧି ଘଟୁଥିବା ବେଳେ ଏହାକୁ ତାଳ ଦେଇ ବିଭିନ୍ନ ତେଜରାତି ସାମଗ୍ରୀର ଦର ମଧ୍ୟ ଆକାଶ ଛୁଆଁ ହୋଇଯାଇଛି । ଫଳରେ ଗରିବ ଶ୍ରେଣୀୟ ଲୋକମାନେ ଚଳିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦରଦାମ୍ ବୃଦ୍ଧି ରୋକିବାରେ ପ୍ରଶାସନର କୌଣସି ପଦକ୍ଷେପ ନେଉନାହିଁ । ଏହାର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ କୃତ୍ରିମ ଅଭାବ ସୃଷ୍ଟି କରି ଗ୍ରାହକଙ୍କୁ ଲୁଟୁଥିବା ଅଭିଯୋଗ ଉଠିଛି । ପ୍ରକାଶ ଯେ, ଦୁଇ ସପ୍ତାହ ପୂର୍ବେ ଟମାଟୋ(ବିଲାତି ବାଇଗଣ) କିଲୋ ପ୍ରତି ୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ୭୦/୮୦ଟଙ୍କାରେ ବି ଭଲ ଟମାଟୋ ମିଳୁନାହିଁ । ସ୍ଥାନୀୟ ବାରବାଟି ପରିବା ମାର୍କେଟ୍‌କୁ ଆବଶ୍ୟକ ଅନୁଯାୟୀ ଟମାଟୋ ଗାଡି ଆସୁ ନଥିବାରୁ ଏହାର ମୂଲ୍ୟ ବୃଦ୍ଧି ଘଟୁଥିବା ବେପାରୀମାନେ ସଫେଇ ଦେଉଛନ୍ତି । ତେବେ ହଠାତ୍ କାହିଁକି ଟମାଟୋ ଗାଡି ଏଠାକୁ ଆସିବା କମିଗଲା ଏହାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି । ସେହପରି ଗତମାସରେ ପୋଟଳ ଦର ୨୦ଟଙ୍କା ଥିବା ବେଳେ ବର୍ତ୍ତମାନ ୮୦ରୁ ୧୦୦ଟଙ୍କାରେ ବିକ୍ରି ହେଉଛି । ବାଇଗଣ ୧୦ରୁ ୬୦ଟଙ୍କାରେ ପହଁଚିଛି । ଜହ୍ନି ୨୦ରୁ ୭୦, ଭେଣ୍ଡି ୨୦ରୁ ୮୦, କଲରା ୧୦ରୁ ୬୦, ଗାଜର ୩୦ରୁ ୧୦୦, କ୍ୟାପ୍‌ସିକମ୍ ୩୦ରୁ ୨୦୦, ଧଣିଆପତ୍ର ୧୦୦ରୁ ୫୦୦, ଝୁଡଙ୍ଗ ୨୦ରୁ ୮୦, କାଙ୍କଡ ୩୦ରୁ ୬୦, ସଜନାଛୁଇଁ ୮୦ରୁ ୧୬୦, ପିଆଜ ୧୫ରୁ ୪୫, ଆଳୁ ୧୨ରୁ ୧୮, ରସୁଣ ୬୦ରୁ ୧୪୦, କାକୁଡି କିଲୋ ୨୦ଟଙ୍କାରୁ ବୃଦ୍ଧି ପାଇ ଏବେ ୬୦ଟଙ୍କାରେ ବିକ୍ରି ହେଉଛି । ସେହିପରି କଞ୍ଚାକଦଳୀ ଗୋଟି ୫ଟଙ୍କା, ଲେମ୍ବୁ ୩ଟଙ୍କା, ଶାଗ ବିଡା ୧୦ଟଙ୍କା, କଞ୍ଚାଲଙ୍କା କିଲୋ ୧୦୦, ଛତୁ ୨୪୦, ବିଟ୍ ୮୦, କଖାରୁ ୨୦, ଅମୃତଭଣ୍ଡା ୩୦, ସାରୁ ୬୦, ବିମ୍‌ସ ୧୦୦, ବନ୍ଧାକୋବି ୪୦ ଓ ଫୁଲକୋବି କିଲୋ ୬୦ଟଙ୍କାରେ ବିକ୍ରି ହେଉଛି । ତେବେ ଗତମାସରେ ଲଗାଣ ବର୍ଷା ଓ ପରେ ବନ୍ୟା ଆସିବାରୁ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇ ଯାଇଥିବା ବେଳେ ଏବେ ବାହାର ଅଂଚଳରୁ ଆବଶ୍ୟକ ମୁତାବକ ପରିବା ଆସି ପାରୁନଥିବାରୁ ମୂଲ୍ୟ ବୃଦ୍ଧି ଘଟିଛି ବୋଲି କୁହାଯାଉଛି । ଆଗକୁ କାର୍ତ୍ତିକ ମାସ ଓ ପଞ୍ଚୁକ ଆସୁଥିବାରୁ ପନିପରିବା ଦର ଆହୁରି ବଢିବା ଆଶଙ୍କା ପ୍ରକାଶ ପାଇଛି । ଏଥିପ୍ରତି ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ମମିତା ମେହେରଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର ଏସ୍‌ପି ଅଫିସ୍ ଘେରାଉ

ରାଉରକେଲା (ପିଏନ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ, ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଉକ୍ତ ସ୍କୁଲର ମାଲିକ ଗୋବିନ୍ଦ ସାହୁଙ୍କୁ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ ଓ ସମର୍ଥନ ଦେଇଆସିଥିବା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରି ପରିଷଦରୁ ବରଖାସ୍ତ କରିବା ସହିତ ଗିରଫ ଦାବିରେ ରାଉରକେଲା ଜିଲ୍ଲା ମହିଳା କଂଗ୍ରେସ ତରଫରୁ ଉଦିତନଗର ସ୍ଥିତ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ ଓ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ମିଶ୍ରଙ୍କ ମିଳିତ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଶତାଧିକ ମହିଳା କଂଗ୍ରେସ କର୍ମୀ ଯୋଗଦେଇ ରାଜ୍ୟ ବିଜେଡି ସରକାରର ଏକ ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ ଚାଲିଥିବା ବ୍ୟଭିଚାର ଓ ଭ୍ରଷ୍ଟାଚାରକୁ ଘଣ୍ଟ ଘୋଡାଉଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ସୁରକ୍ଷା ଦେବା ଘଟଣାର ତୀବ୍ର ନିନ୍ଦା କରିଥିଲେ । ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମହିଳା କଂଗ୍ରେସ କର୍ମୀମାନେ ପ୍ରବଳ ନାରାବାଜି କରିବା ସହିତ ମହିଳାମାନଙ୍କ ପ୍ରତି ସାମାନ୍ୟତମ ଦରଦ ଓ ସମ୍ମାନ ଥିଲେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ଶ୍ରୀ ମିଶ୍ରଙ୍କୁ ମନ୍ତ୍ରୀ ପରିଷଦରୁ ବରଖାସ୍ତ କରିବା ପାଇଁ ଦାବି କରିଥିଲେ । ପୁନଶ୍ଚ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ର ବିଭିନ୍ନ ସମୟରେ ଏହି ଶିକ୍ଷାନୁଷ୍ଠାନକୁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଅନ୍ୟମାନଙ୍କୁ ଅତିଥି ଭାବେ ନେଇ ବେଆଇନ୍ ଭାବେ ବିପୁଳ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ଏହି ସମୁଦାୟ ଘଟଣାର ସିବିଆଇ ତଦନ୍ତ ପାଇଁ ମହିଳା ନେତ୍ରୀମାନେ ଦାବି କରିଥିଲେ । ଯେପର୍ଯ୍ୟନ୍ତ ଦିବ୍ୟଶଙ୍କରଙ୍କୁ ବରଖାସ୍ତ କରାଯାଇ ଗିରଫ କରାନଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ ବୋଲି ମହିଳା କଂଗ୍ରେସ ତରଫରୁ ଏହି ଅବସରରେ ଘୋଷଣା କରାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମ ପରେ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲା କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଏସ୍‌ପିଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ବିଶଦ୍ ଭାବେ ଅବଗତ କରାଇବା ସହିତ ମହିଳା କଂଗ୍ରେସର ଏହି ଦାବି ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ନିବେଦନ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶା' ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି କୀର୍ତ୍ତନ ଦାସ, କଂଗ୍ରେସ ମୁଖପାତ୍ର ଇଂ.ଆର୍.ପି. ସିଂହ, ଗିରିଜା ଶଙ୍କର ମିଶ୍ର ଓ କୈଳାସ ସାହୁ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ଉପସଭାନେତ୍ରୀ ସରସ୍ୱତୀ ଭୂମିଜ, ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ମହିଳା କଂଗ୍ରେସର ପଙ୍କଜିନି ସୁନା, ବନଲତା ବେହେରା, ଝୁନୁ ପଟ୍ଟନାୟକ, ପ୍ରତିମା ପାଣିଗ୍ରାହୀ, ମୁନି ବାହାଦୁର, ରାଧା ସିଂହ, ଅନୀତା ଲାକ୍ରା, ଜିଲ୍ଲା କଂଗ୍ରେସର ବନମାଳୀ ବିଶୋୟୀ, ବ୍ଲକ୍ କଂଗ୍ରେସ ସଭାପତି ଧୁସା ନାୟକ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ରତିକା' ମଲ୍ଲିକ, ଭାସ୍କର ଖିଲ୍ଲାର, ଲୋକନାଥ ଭୂମିଜ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ବୋଲି ମହିଳା କଂଗ୍ରେସ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଜରି ପାଲ ତଳେ ବିତୁଛି ରଥ ମୁଣ୍ଡାଙ୍କ ଜୀବନ

ହାଟଡିହି (ପିଏନ୍): ରାଜ୍ୟ ତଥା କେନ୍ଦ୍ର ସରକାର ଗରିବମାନଙ୍କ ଉନ୍ନତି ପାଇଁ ମାଳମାଳ ଯୋଜନା ପ୍ରଣୟନ କରୁଥିବା ବେଳେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ହେଉନାହିଁ । ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ଅନ୍ତର୍ଗତ ହାବେଳେଶ୍ୱର ଗ୍ରାମ ପଂଚାୟତ ଅଧୀନ ଜୀବିନୀପୁର ଗ୍ରାମର ରଥ ମୁଣ୍ଡାଙ୍କ କ୍ଷେତ୍ରରେ । ରଥ ମୁଣ୍ଡା ଓ ତାଙ୍କ ପତ୍ନୀ ଆଜକୁ ବହୁଦିନ ହେବ ଏକ ଜରିପାଲ ତଳେ ସପରିବାରେ ରହୁଛନ୍ତି । ଦୁଃଖର ବିଷୟ ଆଜି ପର୍ଯ୍ୟ' କୌଣସି ସରକାରୀ ସହାୟତା ସେ ପାଇପାରିନାହାଁନ୍ତି । ତାଙ୍କ ନିକଟରେ ନା ଅଛି ଆବାସ ଗୃହ ନା ଅଛି ଉଜ୍ଜ୍ୱଳା କିଛିନାହିଁ । ପଂଚାୟତରେ ସରପଂଚ ଥିଲେ ମଧ୍ୟ ସେ କେବେ ତାଙ୍କୁ ଦେଖିନଥିବା କଥା ପ୍ରକାଶ କରିବା ସହ ବାତ୍ୟା ପରେ ସରପଂଚ ତାଙ୍କ ଗ୍ରାମକୁ ଯାଇନଥିବା ସେ ଅଭିଯୋଗ କରିଛନ୍ତି । ଏମିତି ମାଳ ମାଳ ଯୋଜନା ଥାଇ ଲାଭ କଣ ବୋଲି ଅତି କ୍ଷୋଭର ସହ କହିଛନ୍ତି । ସରକାରଙ୍କ ତରଫରୁ ତାଙ୍କୁ ସାହାଯ୍ୟ କରାଯିବାକୁ ସେ ନିବେଦନ କରିଛନ୍ତି ।

## ସାପ୍ତାହିକ ହାଟରେ ପୋଲିସର ଚଢଉ

ଘଷିପୁରା(ପିଏନ୍): ଘଷିପୁରା ବ୍ଲକ ଗଡବାନ୍ଧଗୋଡା ପଂଚାୟତ ଅନ୍ତର୍ଗତ ବୋହୂଗାଡିଆ ସାପ୍ତାହିକ ହାଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ରାମଚନ୍ଦ୍ରପୁର ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ଏକ ପୋଲିସି ଟିମ୍ ଉକ୍ତ ହାଟରେ ଚାଲିଥିବା ଜୁଆଆଡ୍ଡା ଉପରେ ଅଚାନକ ଚଢାଉ କରିଥିଲେ । ପୋଲିସ୍ ଗାଡିକୁ ଦେଖି ଜୁଆଡିମାନେ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ । ହାଟରେ ଅନେକ ଦିନ ହେବ ବେଆଇନ୍ ଭାବେ ଜୁଆଖେଳ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା । ପୋଲିସ କାହାକୁ ଗିରଫ କରିବାରେ ସଫଳ ହୋଇନଥିଲେ ମଧ୍ୟ ହାଟରେ ଜୁଆଖେଳ, କୁକୁଡା ଲଢେଇ ପ୍ରଭୃତି ବେଆଇନ୍ କାର୍ଯ୍ୟରୁ ଦୂରେଇ ରହିବାକୁ ପଡା ଚେତାବନୀ ଦେଇଛି ।

## ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ବିପର୍ଯ୍ୟସ୍ତ



ଫୁଲନଖରା (ପିଏନ୍)-କଟକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗଦ୍ୱାରା ପରିଚାଳିତ ମହୀଧରପଡ଼ା-ଗୋବିନ୍ଦପୁର ୧୪ କିଲୋମିଟର ଦୀର୍ଘ ରାସ୍ତା ବର୍ତ୍ତମାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାର ଅନେକାଂଶରେ ବଡ଼ ବଡ଼ ଖାଲ ଖମା ସୃଷ୍ଟି ହୋଇ ପଥଚାରୀ ଓ ଯାତ୍ରୀଙ୍କ ପାଇଁ ଅସୁବିଧାର କାରଣ ପାଲଟିଛି। ବିଶେଷ କରି ମହୀଧରପଡ଼ା ହାଇସ୍କୁଲ ସମ୍ମୁଖ, ଚମାରସାହି ପୋଲ ନିକଟ, ତନ୍ତିସାହି କେନାଲ ବନ୍ଧ ନିକଟ ଓ ମେଡ଼ିକାଲ ଛକ ନିକଟରେ ରାସ୍ତା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ରାସ୍ତାର ଏପରି ଦୁରବସ୍ଥା ଦେଖି ବିଭାଗୀୟ ଅଧିକାରୀ ମେଡ଼ିକାଲ ଛକଠାରୁ ଗବବସ୍ତ ୭କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ା କରିବା ସହିତ ଏହାର ଉନ୍ନତିକରଣ ପାଇଁ ଟେଣ୍ଡର କରିଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ଯଥା ସ୍ଥାନରେ କାମ ନକରି ମନଇଚ୍ଛା ଏଣେ ତେଣେ କାମ କରୁଥିବାରୁ ଏହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ସେହିପରି ସନ୍ତୋଳ ଛକଠାରୁ ଗବବସ୍ତ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ମେସିନ ସହାୟତାରେ କେବଳ ରାମ୍ପି ଦେଇ କାମକୁ ପକାଇ ରଖିଛନ୍ତି। ପ୍ରତ୍ୟେହ ଶହ ଶହ ଯାନବାହନ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ବ୍ୟବସାୟୀ, ରୋଗୀ, କର୍ମଚାରୀ ଏବଂ ଚାଷୀମାନେ ଏହାଦ୍ୱାରା ହଇରାଣ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେବା ସହିତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଦିବଂଗତ କବି ପ୍ରମିଳା ଶତପଥୀଙ୍କ ଶେଷ ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର (ପିଏନ୍)-ଦିବଂଗତ କବି ପ୍ରମିଳା ଶତପଥୀଙ୍କ ଏକାଦଶାହରେ ତାଙ୍କ ରଚିତ ଶେଷ କବିତା ପୁସ୍ତକ 'ଚିତ୍ର ରୂପା' ଲୋକାର୍ପିତ ହୋଇଯାଇଛି। ଶୋକାକୁଳ ପରିବେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠି, ଡ. ବଂଶୀଧର ଚୌଧୁରୀ, ଡ. ଅଭିମନ୍ୟୁ କାନୁନଗୋ, କଥାକାର ନିବାରଣ ଜେନା, ଗଙ୍ଗଧାର ବିଶ୍ୱାଳ ପ୍ରମୁଖ ପ୍ରମିଳାଙ୍କର ୩୦ତମ ତଥା ଅନ୍ତିମ କବିତା ସଂକଳନ ପୁସ୍ତକ ଲୋକାର୍ପଣ କାରିଥିଲେ। ସ୍ୱର୍ଗତଃ ପ୍ରମିଳାଙ୍କ ପତି ଅମୃତ ଶତପଥୀ ସଭାରେ ସ୍ୱାଗତ ଭାଷଣରେ ସେ ବଞ୍ଚିଥିଲେ ଏହାର ଉନ୍ମୋଚନ କରିଥା'ନ୍ତେ ବୋଲି କହିଥିଲେ। ଭାବ ଗନ୍ଧ ସହିତ ଶବ୍ଦର ସନ୍ଧି କରିପାରୁଥିବା ଜଣେ ଉନ୍ନତ, ପ୍ରତିଭା କବି ପ୍ରମିଳା ଶତପଥୀ ଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ପୁସ୍ତକରେ ମୋଟ ୫୩ଟି କବିତା ସ୍ଥାନ ପାଇଛି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଦୁର୍ନୀତି ନିବାରଣ ପାଇଁ ବ୍ୟକ୍ତିଗତସ୍ତରରେ ସଚ୍ଚୋଟତା ଓ ଦୃଢ ମାନସିକତା ଏକାନ୍ତ ଆବଶ୍ୟକ : ଜିଲ୍ଲାପାଳ

କେନ୍ଦୁଝର,(ପି.ଏନ): ଦୁର୍ନୀତି ନିବାରଣ ପାଇଁ ବ୍ୟକ୍ତିଗତସ୍ତରରେ ସଚ୍ଚୋଟତା ଓ ଦୃଢ ମାନସିକତା ଏକାନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ଆଶିଷ ଠାକରେ କହିଛନ୍ତି। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ତା ୨୬.୧୦.୨୦୨୧ ରିଖ ମଙ୍ଗଳବାର ଦିନ ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲା କାଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତା ଶପଥ ପାଠ କରାଇ ଜିଲ୍ଲାପାଳ ଏହି ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେଯେ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଏବଂ ଏହା ଦେଶର ବିକାଶରେ ବାଧକ । ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମାଜର ସମସ୍ତ ଜନସାଧାରଣ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ । ସରକାରୀସ୍ତର ହେଉ କିମ୍ବା ବେସରକାରୀସ୍ତର ହେଉ ସବୁଠି ତୃଣମୂଳସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ସାଧୁତା ଓ ସ୍ୱଚ୍ଛତା ବଜାୟ ରହିଲେ ଦୁର୍ନୀତି ନିବାରଣ ହୋଇପାରିବ । ପ୍ରତ୍ୟେକ ବ୍ୟକ୍ତି ସଚେତନ, ସ୍ୱାଭିମାନୀ, ସଚ୍ଚୋଟ ଏବଂ ଚରିତ୍ରବାନ୍ ହୋଇପାରିଲେ ଦୁର୍ନୀତିର ମୂଳପ୍ରାଟନ ହୋଇପାରିବ । ସମସ୍ତେ ନିଜ ଆଚାର ବିଚାର, ଆଚରଣ ଓ ଉଚ୍ଚାରଣରେ ସ୍ୱଚ୍ଛତା ଅବଲମ୍ବଲ କଲେ ଦୁର୍ନୀତି ମୁକ୍ତ ସମାଜ ଗଠନ ହୋଇପାରିବ । ଏତଦ୍‌ବ୍ୟତୀତ ଶାସନ ପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବା ସହିତ ଜନସାଧାରଣଙ୍କୁ ମୂଲ୍ୟବୋଧଭିତିକ ସେବା ଯୋଗାଇ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ କର୍ମଚାରୀମାନେ ନିଷ୍ଠାର ସହିତ କାର୍ଯ୍ୟକରିବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ଆହ୍ୱାନ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସନ୍ତୋଷ କୁମାର ନୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷ୍ମା ବିଲୁଙ୍ଗ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ସ୍ୱାଗତ ସଂଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଂଟ୍ କଲେକ୍ଟର ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଲେଇପଦା, ନୂଆମୁଣ୍ଡି, ଝାଡଖଣ୍ଡ ସୀମାନ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା

ଯୋଡା,(ପି.ଏନ):ବିଲେଇପଦା, ନୂଆମୁଣ୍ଡି, ଝାଡଖଣ୍ଡ ସୀମାନ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ମଙ୍ଗଳବାର ପୂର୍ବାହ୍ନରେ ଦେଓଝର ପଂଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଭୂଅର୍ଜନ ପାଇଁ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଦେଓଝର ସରପଂଚ ମଙ୍ଗଲ ମୁଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମସଭାରେ ଜମି ହରାଉଥିବା ୩୪ଜଣ ପ୍ରଜା ଯୋଗ ଦେଇ ଏହି ରାସ୍ତାର ଉନ୍ନତିକରଣ ନିମନ୍ତେ ସମ୍ମତି ପ୍ରଦାନ କରିଥିଲେ । ସେମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ସେମାନଙ୍କର ପ୍ରାପ୍ୟ ନେଇ ରାସ୍ତା ନିମନ୍ତେ ତାଙ୍କର ପଟ୍ଟା ଜମି ଛାଡିବା ପାଇଁ ରାଜି ହୋଇଥିଲେ । ଏହି ପଂଚାୟତ ରାସ୍ତାଟି ଓଡିଶାକୁ ଝାଡଖଣ୍ଡ ସହିତ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ଅନେକ ଗୁଡିଏ କାରଖାନା ଏବଂ ଖଣି ଅବସ୍ଥାପିତ । ଦୈନିକ ଶହ ଶହ ସଂଖ୍ୟାରେ ଲୁହାପଥର ଏହି ରାସ୍ତାରେ ପରିବହନ ହୋଇଥାଏ । ଫଳରେ ପଂଚାୟତ ରାସ୍ତାଟି ସବୁବେଳେ ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳେ । ଜମି ଅଧିଗ୍ରହଣ ହୋଇପାରି ନଥିବାରୁ ଦୀର୍ଘଦିନ ଧରି ଏହି ରାସ୍ତାର ପ୍ରଶସ୍ତିକରଣ ହୋଇପାରୁ ନଥିବା ଯୋଗୁଁ ପଂଚାୟତବାସୀ ଦୁର୍ଦ୍ଦଶା ଭୋଗୁଥିଲେ । ଏହି ରାସ୍ତା ପାଇଁ ଜମି ହରାଉଥିବା ଗ୍ରାମବାସୀମାନେ ରାସ୍ତା ନିର୍ମାଣ ନେଇ ବେଶ୍ ଉତ୍ସାହିତ ଥିବା ପରିଲକ୍ଷିତ କରାଯାଇଥିଲା । ଏହି ଗ୍ରାମସଭାଟିରେ ସରପଂଚଙ୍କ ବ୍ୟତୀତ ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଭୂଅର୍ଜନ ବିଭାଗର ମୁଖ୍ୟ ଅଧିକାରିଣୀ ଜ୍ୟୋତ୍ସ୍ନା ନାଏକ, ସଡକ ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ ହେମନ୍ତ ମହାପାତ୍ର, ସମିତିସଭ୍ୟ ଯୁଧିଷ୍ଠିର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ବାବା ଫୁଟବଲ ଟୁର୍ଣ୍ଣାମେଣ୍ଟ, ଫୁଲବାବାହାଲୀ ଚମ୍ପିୟାନ୍



ଘଷିପୁରା, (ପି.ଏନ): ଘଷିପୁରା ବ୍ଲକ ଶାମୁକାନାଣ୍ଡିର ବାବା ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଘଷିପୁରା ବ୍ଲକ ପ୍ରାକ୍ତନ ଅଧକ୍ଷ ଦେବାଶିଷ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟ ସୀତା ହାଁସଦା, ପୂର୍ବତନ ସରପଂଚ ପରେଶ କୁଅଁର, ଯୁବନେତା ସୁଦୀପ କୁମାର ସାହୁ, କ୍ରୀଡାବିତ୍ ବୁଲୁ ପଟ୍ଟନାୟକ, ସୁନୀଲ କୁମାର ଭୋଇ, ସତ୍ୟନାରାୟଣ ସାହୁ, ନିର୍ମଣ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଖେଳରେ ଫୁଲବାଡି ଫୁଟବଲ କ୍ଲବ ୧-୦ ଗୋଲରେ ଜାମୁବାହାଲିକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ଚମ୍ପିୟାନ୍ ଓ ରନର୍ସଅପ୍ ଦଳକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କ୍ଲବ ପକ୍ଷରୁ ଲକ୍ଷ୍ମୀଧର ହେମ୍ବ୍ରମ, ଘାଷିନାଥ ହେମ୍ବ୍ରମ, ଦୈତାରୀ ହେମ୍ବ୍ରମ, ମୋହନ ହାଁସଦା, ସୁନାରାମ ସୋରେନ୍, ପୂର୍ଣ୍ଣ ମାରାଣ୍ଡି, ରଘୁନାଥ ମାରାଣ୍ଡି, ରାମଚନ୍ଦ୍ର ବେଶ୍ରା, ବଳରାମ ବେଶ୍ରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା ସହଯୋଗ କରିଥିଲେ ।

## ଶିଶୁ ୱାର୍ଡରେ ରୋଗୀ ଦହଗ, ୧୦ ଦିନ ହେଲା ଶୌଚାଳୟରେ ପଡିଛି ତାଲା

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଥିବା ସମସ୍ତ ଶିଶୁ ରୋଗୀମାନେ ହଟହଟାର ସମ୍ମୁଖୀନ ହେଉଛନ୍ତି । ଶିଶୁ ମାନଙ୍କ ୱାର୍ଡରେ ଥିବା ଶୌଚାଳୟରେ ୧୦ଦିନ ହେଲା ତାଲା ଝୁଲୁଥିବା ବେଳେ ପିଇବା ପାଣି ପାଇଁ ଲୋକେ ଦହଗ ହେଉଛନ୍ତି । ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ଅତ୍ୟାଧୁନିକ ମା' ଓ ଶିଶୁ ୱାର୍ଡ ପ୍ରତିଷ୍ଠା କରାଯାଇଛି । ୨୦୧୭ ଅକ୍ଟୋବର ୨୯ରେ ଏହାର ଉଦ୍‌ଘାଟନ କରାଯାଇଥିଲା । ବର୍ଷେ ପରେ କାର୍ଯ୍ୟକ୍ଷମ ହୋଇଥିଲା । ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ଏଠାରେ ଥିବା ଶିଶୁ ରୋଗୀମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତିନି ମହଲାରୁ ଓହ୍ଲାଇ ବହାରକୁ ଶୌଚ ହେବାକୁ ଯାଉଛନ୍ତି । ଦୀର୍ଘଦିନ ହେଲା ଆକ୍ୱାଗାର୍ଡ ଅଚଳହୋଇ ପଡିଥିବାରୁ ପିଇବା ପାଣି ମିଳୁନାହିଁ । ରୋଗୀଙ୍କ ସମ୍ପର୍କୀୟମାନେ ବାହାର ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି । ଯେଉଁ ରୋଗୀମାନଙ୍କର ଜଣେ ଆଟେଣ୍ଡାଣ୍ଟ ଅଛନ୍ତି ସେମାନଙ୍କୁ ବାହାରକୁ ପାଣି ପାଇଁ ଯିବାରେ ସମସ୍ୟା ହେଉଛି । ସେହିପରି ଶିଶୁ ୱାର୍ଡରେ ଏସି ଲାଗିଥିଲେ ମଧ୍ୟ ଏହାକୁ କେବେ ଚଲା ଯାଉନଥିବା ଅଭିଯୋଗ ହୋଇଛି । ଲକ୍ଷାଧିକ ଟଙ୍କାରେ ଲାଗିଥିବା ଏସି ଗୁଡିକ ଖତ ଖାଇବାକୁ ବସିଲାଣି । ୱାର୍ଡ ଭିତରେ ଫ୍ୟାନ୍ ଚାଲୁ ନଥିବାରୁ ଗରମରେ ରୋଗୀମାନେ ବାରଣ୍ଡାରେ ଶୋଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଗୋଷ୍ଠୀ ଉନ୍ନୟନ ଅଧିକାରିଣୀଙ୍କ ଇଞ୍ଜୋଳ ପଂଚାୟତର ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ହାଟଡିହି. (ପି.ଏନ):ହାଟଡିହି ବ୍ଲକ ଇଞ୍ଜୋଳ ପଂଚାୟକୁ ହାଟଡିହି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ବିନୀତା ବିଜୟିନୀ ଆଜି ପରିଦର୍ଶନରେ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହିତ ଇଞ୍ଜୋଳ ବିକଶ ମଂଚର ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା- ବନୀକରଣ, ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ଗୋ-ଚିକିତ୍ସା ଶିବିର, ପରିବେଶ ଉପଯୋଗି ବିଭିନ୍ନ ପ୍ରତିଯୋଗିତା, ଗାଁ ସଫେଇ, ଅଗ୍ନିଶମ ସଚେତନତା ଆଦି କାର୍ଯ୍ୟକ୍ରମ କରାଯାଉଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ପଥପ୍ରାନ୍ତ ବନୀକରଣ ଦେଖିବା ସହ ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପରେ ନିମ୍ବ ଚାରା ରୋପଣ କରିଥିଲେ । ମାର୍ଥା ପୋଖରୀ, ମଠ ଓ ବିରଞ୍ଚି ନାରାୟଣ ଦର୍ଶନରେ ଯାଇଥିଲେ । ଐତିହ୍ୟମୟ ମାର୍ଥା ପୋଖରୀ ଓ ବିରଞ୍ଚି ନାରାୟଣଙ୍କ ପୁନରୁଦ୍ଧାର ସହ ବ୍ୟାପକ ବନୀକରଣ, ଗ୍ରାମ୍ୟ ଉଦ୍ୟାନ, ମୁକ୍ତାକାଶ ବ୍ୟାୟାମଶାଳା, ଜଳ ଫୁଆର ଓ ଦୋଳି ଲଗାଯାଇ ଏହାକୁ ଗ୍ରାମ୍ୟ ପର୍ଯ୍ୟଟନ ଉନ୍ନୟନ ପାଇଁ ମଞ୍ଚର ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ । ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ପରିଦର୍ଶନ କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା, ରାଜେଶ ରାଉତ, ବଳରାମ ଯେନା, ଯୁବରାଜ ଯେନା, ଜଗନ୍ନାଥ ଯେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଟୋଲଙ୍କପଡା ହାଇସ୍କୁଲରେ ପୋଷାକ ବିତରଣ

ଘଷିପୁରା, (ପି.ଏନ): ଆନନ୍ଦପୁର ବ୍ଲକ ଟୋଲଙ୍କପଡାର ଜୟ ମଙ୍ଗଳା ହାଇସ୍କୁଲର ୫୭ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ତରଫରୁ ମିଳିଥିବା ଦୁଇହଳ ପୋଷାକ ଓ ଜୋତାକୁ ସ୍କୁଲ କର୍ତ୍ତୃପକ୍ଷ ଓ ସ୍କୁଲ କମିଟିର ସଭାପତି ସନାତନ ସାହୁଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ବିତରଣ କରାଯାଇଥିଲା ।

## ପରିତ୍ୟକ୍ତ କୂଅରେ ପଡି ଯୁବକ ମୃତ

ଆନନ୍ଦପୁର,(ପି.ଏନ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଡବାନ୍ଧଗୋଡା ପଂଚାୟତ ସାପୁଆସାହି ଆଦିବାସୀ ବସ୍ତିର ଏକ ପରିତ୍ୟକ୍ତ କୂଅରେ ପଡି ଜଣେ ଯୁବକର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଅଳତୀ ପଂଚାୟତ ପଦନପୁର ଗ୍ରାମର ମହେନ୍ଦ୍ର ଖଟୁଆ(୩୪) । ଆଜି ଅପରାହ୍ନରେ ଗଡବାନ୍ଧଗୋଡା ପଂଚାୟତ ସାପୁଆସାହି ଆଦିବାସୀ ବସ୍ତି ରାସ୍ତାକଡରେ ଥିବା ଏହି ପରିତ୍ୟକ୍ତ କୂଅରେ ଅସାବଧାନତା ବଶତଃ ଖସି ପଡିଥିଲେ । ବସ୍ତି ବାସିନ୍ଦା କୂଅ ଭିତରୁ ଯୁବକକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଘଷିପୁରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଘଷିପୁରା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି କୂଅ ଭିତରୁ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ଘଟଣା ସମ୍ପର୍କରେ ଜାଣିବା ପରେ ରାମଚନ୍ଦ୍ରପୁର ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅଭିମନ୍ୟୁ ଦାସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ।

## ଦୁଇଟି ପୃଥକ ଘଟଣାରେ ୨ଜଣ ଯୁବକଙ୍କ ଆତ୍ମହତ୍ୟା

ଯୋଡା,(ପି.ଏନ): ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ପେଣ୍ଡେଇ ବସ୍ତିରେ ଜଣେ ୨୫ ବର୍ଷର ଯୁବକ ଝଗୁଡୁ ପେଣ୍ଡେଇ ତାଙ୍କ ନିଜ ଘରେ ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ବାମେବାରୀ ଆରକ୍ଷୀ କେଶ ନଂ. ୩୫/୨୧ରେ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ ଜାରି ରଖିଛି । ସେହିପରି ଅନ୍ୟ ଏକ ଘଟଣାରେ ସିଲଯୋଡାର ବେଲା ହଟିଂ ଗ୍ରାମରେ ଇନ୍ଦ୍ର ସଏ ୩୭ ବର୍ଷର ଜଣେ ଯୁବକ ଏକା ଦିନ ସମାନ ଢଙ୍ଗରେ ରଶି ଲଗାଇ ନିଜ ଘରେ ଆତ୍ମହତ୍ୟା କରିଥିବା ଜଣାପଡିଛି । ଘଟଣା ସ୍ଥଳରେ ଆରକ୍ଷୀ ପହଞ୍ଚି କେଶ ନଂ. ୩୬/୨୧ରେ ଏକ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ କରୁଥିବା ଜଣାପଡିଛି । ତେବେ ଦୁଇଟି ଘଟଣାରେ ମୃତ୍ୟୁର ସଠିକ୍ କାରଣ ଜଣାପଡିନଥିବା ବେଳେ ଘରୋଇ କଳିକୁ ନେଇ ଏହି ଆତ୍ମହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ସୂଚନା ଯୋଗ୍ୟ, କରୋନା ସଂକ୍ରମଣ ପରେ ଅନେକ ଲୋକ କାମ ଦାମ ହରାଇ ରୋଜଗାର ଶୂନ୍ୟ ହୋଇପଡିଛନ୍ତି । ଏବେ ଚଳିବା ସେମାନଙ୍କ ପକ୍ଷରେ ଦୁର୍ବିଃଶହ ହୋଇପଡିଛି । ଖଣି ଖାଦାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନଥିବାରୁ ଏବେ ଅନେକ ଯୁବକ ମାନଶୀକ ବିସାଦଗ୍ରସ୍ତ ହୋଇପଡିଛନ୍ତି । ଏପରିସ୍ଥଳେ ଖଣି ଅଞ୍ଚଳରେ ବାରମ୍ବାର ଯୁବ ପୀଢି ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ପରିଲକ୍ଷିତ କରାଯାଉଛି ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କାର୍ଯ୍ୟକ୍ରମ




ଭଦ୍ରକ,(ପି.ଏନ) : ଚଳିତ ବର୍ଷ ୨୬ ଅକ୍ଟୋବର ୨୦୨୧ ରୁ ୧ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଦୁର୍ନୀତି ନିବାରଣ ସମ୍ପର୍କିତ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସରକାରୀ ନିର୍ଦ୍ଦେଶମତେ ପୂର୍ବାହ୍ନ ଘ.୧୧ ଟିକା ସମୟରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଉଦ୍ଦିଷ୍ଟ ଶପଥ ପାଠ ପତ୍ର ପଠନ ପୂର୍ବକ ଉପସ୍ଥିତ ସମସ୍ତ ପ୍ରଶାସନିକ ଅଧଧିକାରୀ, ସରକାରୀ କର୍ମଚାରୀ ମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାଶ,ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜୀବନରେ ସବୁ କ୍ଷେତ୍ରରେ ସାଧୁତା ଏବଂ ଆଇନକୁ ଅନୁସରଣ କରିବି । ଲାଞ୍ଚ ନେବି ନାହିଁ କି ଦେବି ନାହିଁ । ସମସ୍ତ କାର୍ଯ୍ୟ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବି । ଜନ ହିତରେ କାର୍ଯ୍ୟକରିବି । ବ୍ୟକ୍ତିଗତ ବ୍ୟବହାରରେ ସାଧୁତା ପ୍ରଦର୍ଶନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବି । ଯେକୌଣସି ଦୁର୍ନୀତି ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି । ଏହିସବୁ ବାକ୍ୟକୁ ନେଇ ସାମୁହିକ ଶପଥ ପାଠ କରାଯାଇଥିଲା । ଦୁର୍ନୀତି ନିବାରଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସମ୍ୟକ୍ ଆଲୋଚନା ମଧ୍ୟ କରାଯାଇଥିଲା । ଦୁର୍ନୀତି କିପରି ଏକ ସାମାଜିକ କଳଙ୍କ, ଆମ ସମାଜ ଓ ଦେଶର ପ୍ରଗତି ଓ ବିକାଶରେ ଦୁର୍ନୀତି କିପରି ଅନ୍ତରାୟ ସୃଷ୍ଟିକରେ, ଦୁର୍ନୀତି ମୁକ୍ତ ସମାଜ ଗଠନ ଦିଗରେ ଆମ ସମସ୍ତଙ୍କର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦୁର୍ନୀତି ପରୋକ୍ଷଭାବେ ଆମ ନିଜ ପରିବାରର, ସମାଜର ଓ ଦେଶର କିପରି କ୍ଷତି ସାଧନ କରେ ଏସବୁ ବିଷୟରେ ଆମେ ସଚେତନ ରହିବା ସହିତ ଆତ୍ମସମୀକ୍ଷା କରିବା ଉଚିତ୍ ବୋଲି ଆଲୋଚନାରେ ଆଲୋକପାତ କରାଯାଇଥିଲା । ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି, ଡ଼ପୁଟୀ କଲେକ୍ଟର ବସନ୍ତ କୁମାର ଲେଙ୍କା, କସ୍ତୁରୀବାଳା ଜେନା, ଅନୁପମା ଘୋଷ, ଏନ୍.ଆଇ.ସି. ଅଧିକାରୀ ବିଜୟ କୁମାର ମିଶ୍ର ପ୍ରମୁଖଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପବିଭାଗର ଅଧିକାରୀ ଓ କର୍ମଗ୍ରୀ ବୃନ୍ଦ ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ତୃଣମୂଳ ସ୍ତରରେ ସାମାଜିକ ପରିବର୍ତ୍ତନର ଅଗ୍ରଦୂତ ହୁଅ ହେବାକୁ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତି (ଏମ୍‌ଜିଏନଏଫ୍) ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରବୃତିଧାରୀ ତଥା ଯୁବପିଢିଙ୍କୁ ଦକ୍ଷତା ବିକାଶର ପ୍ରୟାସରେ ତୃଣମୂଳ ସ୍ତରରେ ସାମାଜିକ ପରିବର୍ତ୍ତନରଅଗ୍ରଦୂତ ହେବାକୁ ପରାମର୍ଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତି ହେଉଛି ଏକ ୨ ବର୍ଷୀୟା ଛାତ୍ରବୃତି । ଏହି ବୃତିର ଉଦ୍ଦେଶ୍ୟ ହେଉଛି ଜିଲ୍ଲା ସ୍ତରରେ ଦକ୍ଷତା ବିକାଶରେ ସହଯୋଗୀ ହେବା । ଏଥିପାଇଁ ପୂର୍ବରୁ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ସହ ପାଇଲଟ ଭିତିରେ ଆରମ୍ଭ ହୋଇଥିଲା । ତୃଣମୂଳ ସ୍ତରରେ ଦକ୍ଷତା ବିକାଶକୁ ସହଯୋଗ କରିବା ପାଇଁ ବ୍ୟକ୍ତିବିଶେଷ ଓ ଯୁବବର୍ଗଙ୍କୁ ୨ ବର୍ଷ ପାଇଁ ଏହି ବୃତି ସୁଯୋଗ ପ୍ରଦାନ କରିବ । ପ୍ରଥମ ପର୍ଯ୍ୟାୟରେ ୬ଟି ରାଜ୍ୟର ୬୯ଟି ଜିଲ୍ଲାରେ ୬୯ଟି ବୃତିଧାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ସମସ୍ତ ଜିଲ୍ଲାରେ ଅଧିକ ୬୬୧ ବୃତିଧାରୀ ଅର୍ଥାତ୍ ମୋଟ ୭୩୦ ମହାତ୍ମା ଗାନ୍ଧୀ ଜାତୀୟ ବୃତିଧାରୀଙ୍କୁ ନିୟୋଜିତ କରାଯାଇଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଆଇଆଇଏମ, ବାଙ୍ଗାଲୋର ସହଯୋଗରେ କାର୍ଯ୍ୟକ୍ରମରେ ଯୋଡାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ୮ଟି ଆଇଆଇଏମକୁ ଯୋଡ଼ାଯାଇଛି । ଜୀବନଜୀବିକା ପ୍ରୋତ୍ସାହନଭିତିକ କାର୍ଯ୍ୟକ୍ରମ ସଙ୍କଳ୍ପ ଅଧୀନରେ ମହାତ୍ମା ଗାନ୍ଧୀ ଛାତ୍ରବୃତି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ଶାସନ ବ୍ୟବସ୍ଥା ଏବଂ ନୀତି ସହ ଧନ୍ଦାମୂଳକ ଶିକ୍ଷା ବିଷୟରେ ଅବଗତ ଥିବା ବୃତିଧାରୀ ବ୍ୟକ୍ତିବିଶେଷଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆତ୍ମନିର୍ଭର ଭାରତ ଦିଗରେ ଆମେ ଅଗ୍ରସର ହେଉଛୁ । ବିଭିନ୍ନକ୍ଷେତ୍ରରେ ହେଉଥିବା ଅଭୁତପୂର୍ବ ପରିବର୍ତ୍ତନ ଅଧିକ କୁଶଳୀ ବୃତିଗତଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବଏବଂ ଜିଲ୍ଲା ସ୍ତରରେ ଦକ୍ଷତା ମ୍ୟାପିଂ ଏବଂ ସେହି ଅନୁସାରେ ଦକ୍ଷତା ବିକାଶ ପ୍ରୟାସକୁ ଦିଶାନିର୍ଦ୍ଦେଶ ଦେବ । ଏକବିଂଶ ଶତାବ୍ଦୀର ଆବଶ୍ୟକତା ଏବଂ ସ୍ଥାନୀୟ ବିଷୟକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଛାତ୍ରବୃତି ପାଉଥିବା ବ୍ୟକ୍ତିବିଶେଷଙ୍କୁ ବୈଶ୍ୱିକ ଚିନ୍ତାଧାରା ଏବଂ ସ୍ଥାନୀୟ ଆଭିମୁଖ୍ୟ ସହିତ ଦକ୍ଷତା ବିକାଶର ପ୍ରୟାସରେ ଆଂଚଳିକ ଭାଷାକୁ ଏକତ୍ରିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଏହି ବୃତି ମାଧ୍ୟମରେ ଜିଲ୍ଲା ସ୍ତରରେ ଏବଂ ଆଇଆଇଏମ ସମାଜରେ ପରିବର୍ତ୍ତନ ଏବଂ ସଫଳତାର କାହାଣୀ ତିଆରି କରିବାରେ ସହଯୋଗ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଜାତୀୟ ଶିକ୍ଷା ନୀତି-୨୦୨୦ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଆଇଆଇଏମକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ

ପର୍ଯ୍ୟବେକ୍ଷକ

PARYABEKHYAK








## ମମିତା ମେହେର ହତ୍ୟାକାରୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ



ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜଙ୍କ ନେତୃତ୍ୱରେ କଳାହାଣ୍ଡି ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ହତ୍ୟାରେ ସଂପୃକ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ନବୀନ ନିବାସ ଘେରାଉ କରିଥିଲା। ଏଥିରେ ସାରା ରାଜ୍ୟର ହଜାର ହଜାର ଛାତ୍ର କଂଗ୍ରେସ ନେତା ଓ କର୍ମୀ ତଥା ଛାତଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ବିଭିନ୍ନ କୋଣରୁ ମୋଟର ସାଇକେଲ ର୍‍ୟାଲିରେ ଆସି ଛାତ୍ରନେତାମାନେ ଫରେଷ୍ଟ ପାର୍କଠାରେ କେନ୍ଦ୍ରୀଭୂତ ହୋଇଥିଲେ। ତାପରେ ଏକ ବିଶାଳ ର୍‍ୟାଲି ନବୀନ ନିବାସ ଆଡ଼କୁ ମାଡ଼ି ଯାଇଥିଲେ। ବାଟରେ ର୍‍ୟାଲି ଦୁଇଭାଗ ହୋଇଥିଲା। ୫ଶହରୁ ଉର୍ଦ୍ଧ୍ୱ ଛାତ୍ର କଂଗ୍ରେସ ନେତା ଓ କର୍ମୀ ମୁଖ୍ୟ ର୍‍ୟାଲିରୁ ବାହାରି ଏୟାରପୋର୍ଟ ଛକ ଆଗରେ ପାହଂଚି ନବୀନ ନିବାସ ଆଡ଼କୁ ଧସେଇ ପଶିଥିଲେ। ନବୀନ ନିବାସକୁ ସୁରକ୍ଷା ଦେବା ପାଇଁ ସେଠାରେ ହଜାର ହଜାର ପୋଲିସ ବାରିକେଡ କରି ବିକ୍ଷୋଭକାରୀଙ୍କୁ ଅଟକାଇଥିଲା। ପୋଲିସ ସହ ସଂଘର୍ଷରେ କିଛି ଛାତ୍ର ନେତା କ୍ଷତବ୍ୟକ୍ଷତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୟାସିର ନଓ୍ୱାଜଙ୍କ ସହ ବହୁ ଛାତ୍ର କଂଗ୍ରେସ କର୍ମକର୍ତା ଓ କର୍ମୀଙ୍କୁ ଗିରଫ କରି ପୋଲିସ ବ୍ୟାରେକ ଓ ବିଭିନ୍ନ ଥାନାରେ ଅଟକ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ କହିଛନ୍ତି ଯେ ପୋଲିସ ବଳୟ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେଦିନ ଆତ୍ମଗୋପନ କରିବେ? ଶିକ୍ଷୟିତ୍ରୀ ଭଉଣୀ ମମିତା ମେହେରର ହତ୍ୟାକାରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ କୌଶଳକ୍ରମେ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଚକ୍ରାନ୍ତ କରିଛନ୍ତି। ମମିତା ହତ୍ୟାକାଣ୍ଡର ଘଟଣାକ୍ରମକୁ ଅନୁଶୀଳନ କଲେ ସ୍ପଷ୍ଟ ହୋଇପଡୁଛି ଯେ ଦିବ୍ୟଶଙ୍କରଙ୍କ ସଂପୃକ୍ତିକୁ ସଂପୂର୍ଣ୍ଣ ଲୁଚେଇ ଦେବା ପାଇଁ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି। ନବୀନ ନିବାସକୁ ଦିବ୍ୟଶଙ୍କର ସହ ଗୋବିନ୍ଦ ସାହୁ ଆସୁଥିଲା ଏବଂ ମହାଲିଙ୍ଗ ପ୍ରାଇଭେଟ ସ୍କୁଲ ଓ କଲେଜକୁ ସରକାରୀ ଅନୁଦାନ ମଧ ନେବାରେ ସମର୍ଥ ହୋଇଥିଲା। ମହାଲିଙ୍ଗ କଲେଜର ଏକ ରଙ୍ଗଶାଳା ଖୋଲି ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ମନୋରନ କରାଇବା ସହ ସେଠାରେ ରାତ୍ରୀଯାପନର ବ୍ୟବସ୍ଥା ରହୁଥିଲା। ଦିବ୍ୟଶଙ୍କର ଓ ଗୋବିନ୍ଦ ସାହୁର ଯୋଡ଼ି କେତେ ମହିଳାଙ୍କ ଜୀବନ ନଷ୍ଟ କରିଛନ୍ତି ତାହାର ପ୍ରମାଣର ପେଡ଼ି ଧିରେ ଧିରେ ଖୋଲୁଛି ମାତ୍ର ମୁଖ୍ୟମନ୍ତ୍ରୀ ଏହାକୁ ଚାପିଦେବା ପାଇଁ ହୀନ ଉଦ୍ୟମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିରବତା ଓଡ଼ିଶାବାସୀଙ୍କୁ ଚକିତ କରିଛି। ନବୀନ ସରକାରଙ୍କ ୨୨ ବର୍ଷର କୁଶାସନରେ ବେବିନା, ଇତିଶ୍ରୀ, କୁନ୍ଦୁଲି ଛାତ୍ରୀ, ସ୍ମିତା ରାଣୀ, ମାଧବୀ ଲତା, ପରୀ ପ୍ରଭୃତି ଅନେକ ନିରୀହ ମହିଳା ବିଜେଡ଼ି ମନ୍ତ୍ରୀ, ବିଧାୟକ, ସାଂସଦ ଓ ନେତାଙ୍କଦ୍ୱାରା ହତ୍ୟାର ଶୀକାର ହୋଇଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ନବୀନ ବାବୁ ସେଇ ନିରୀହ ମହିଳାମାନଙ୍କୁ ନ୍ୟାୟ ଦେବେ କ'ଣ, ପାପକୁ ଘୋଡାଇ ପକାଉଛନ୍ତି। ସୁତରାଂ ଶିକ୍ଷୟିତ୍ରୀ ମମିତାର ପରିବାର ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ରାଜରାସ୍ତାରେ ଲଢ଼େଇରୁ ହଟିବ ନାହିଁ। ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଓ ଗିରଫ ମମିତାର ପରିବାରକୁ ଏକ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ଛାତ୍ର କଂଗ୍ରେସ ଦାବି କରୁଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରିୟ ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟାନାୟକ, ସୁରେଶ କୁମାର ରାଉତରାୟ, ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ମନୋଜ ବଶ୍ୱାଳ, ମନୋଜ ମହାପାତ୍ର, ଅଜୟ ସାହୁ, ନିହାର ବେହେରା, କିରଣ ସାହୁ, ଦୀପ୍ତି ରନ ପରିଡ଼ା, ସୁନିଲ ମାଟିଆ, ଅର୍ମାନ ଜେନା, ବିପ୍ଲବ ପରିଡ଼ା, ମହମ୍ମଦ ଗୁଲଫାମ, ସାଗର ପଟ୍ଟନାୟକ, ରିତ ସେନାପତି, ବାବୁ ଜେନା, ଅଭିରାମ ଗୌଡ଼, କାର୍ତିକେଶ୍ୱର କାଣ୍ଡି, ଆଲୋକ ଲେଙ୍କା, ବଟକୃଷ୍ଣ ରାଉତରାୟ, ବିଶ୍ୱଭୂଷଣ ମହାପାତ୍ର, ଅଖିଳେଷ ଯାଦବ, ଅଜିତ ବାରିକ, ସାହାରୁଖ ଖାନ, ବିଭୁତି ଭୂଷଣ ମହାପାତ୍ର, ନିତେଶ ବେହେରା, ଏହମ୍ମଦ ଖାନ, ପ୍ରତ୍ୟୁଷ ପ୍ରଧାନ, ଆଦିତ୍ୟ କହଁର, ଆର୍ଯ୍ୟାନ ସାସ୍ମଲ, ଜଗଦୀଶ ଗଜେନ୍ଦ୍ର, ଜୀତେନ୍ଦ୍ର ମଲ୍ଲିକ, ବଳରାମ ନନ୍ଦ, ଆଦିତ୍ୟ କହଁର, ସୁରଜ ରାଉତ, ସାମସନ ଦାସ, ଅଖିଳେଶ ଯାଦବ, ଅହମ୍ମଦ ଖାନ, ଶିବଶକ୍ତି ଦିଗଲ, ସୌରଭ ପଟ୍ଟନାୟକ, ବିଶ୍ୱଜିତ ସ୍ୱାଇଁ, ଲିପିକା ମହାନ୍ତି, ଭାଗ୍ୟଶ୍ରୀ ମହାନ୍ତି, ସଂଦୀପ ରାଉତରାୟ, ସଂଜୀବ ରାଉତ, ଆଦିତ୍ୟ ପ୍ରିତମ ଦାସ, ଦେବାଶିଷ ମହାନ୍ତି, ପ୍ରତ୍ୟୁଷ ପ୍ରଧାନ, ମହମ୍ମଦ ସମିଉଲ ହକ, ଦୀପକ ମହାନ୍ତି, ଅଙ୍କିତ ସାହୁ, ସାହାଓ୍ୱାଜ ଖାନ, ଶୁଭମ ଦାସ, ପ୍ରୀତମ ପରିଜା, ନବନିତ କୌର, ସମିର ବେହେରା, ସୌମ୍ୟ ମିଶ୍ର, ଶୁଭଙ୍କର ପାତ୍ର, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କେନ୍ଦ୍ରାପଡା ଜିଲ୍ଲାରେ ଆଜି ୧୧କରୋନା ପଜିଟିଭ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ଜିଲ୍ଲାରେ ମଙ୍ଗଳବାର ୧୧ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଗରଦପୁର ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ୬ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୩ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ନିଳାଦ୍ରିବିହାର ଆବାସିକ ସଂଘର ଅନ୍ତରୀଣ କାର୍ଯ୍ୟକାରୀ କମିଟି ବୈଠକ



ଭୂବନେଶ୍ୱର(ପି.ଏନ): ଆଜି ଦିବା ୧୧ଘଟିକା ସମୟରେ ନିଳାଦ୍ରିବିହାର ଆବାସିକ ସଂଘର ଅନ୍ତରୀଣ କାର୍ଯକାରୀ କମିଟିର ଏକ ବୈଠକ ଆବାସିକ ସଂଘ ଗୃହଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ନିଳାଦ୍ରିବିହାର ଆବାସିକ ସଂଘର ଆସନ୍ତା ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତି ଗ୍ରହଣ କରାଗଲା । ଏହି ବୈଠକରେ ଆଲୋଚିତ ହୋଇଥିବା ମୁଖ୍ୟ ନିଷ୍ପତିଗୁଡିକ ହେଉଛି- ସଂଘକୁ ସୁଦୃଢ କରିବା ପାଇଁ ସଭ୍ୟ ସଂଗ୍ରହ କରିବା ଓ ଏଥିପାଇଁ ଅନ୍ୟୁନ ଏକ ହଜାର ସଭ୍ୟ ସଂଗ୍ରହ ରସିଦ୍ ବହି ଛପାଇବା । ଗତ ସାଧାରଣ ସଭାର ନିଷ୍ପତି ସମୂହକୁ ପ୍ରଚ୍ଛରପତ୍ର ମାଧ୍ୟମରେ ବାଂଟିବା ଇତ୍ୟାଦି । ଏତଦ୍ ବ୍ୟତୀତ ଏହି ବୈଠକରେ ଶ୍ରୀଯୁକ୍ତ ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ଶ୍ରୀଯୁକ୍ତ ବାସବ ଭଂଜ, ଶ୍ରୀଯୁକ୍ତ ଅଂଜନ କୁମାର ତାହା ଓ ଶ୍ରୀଯୁକ୍ତ ଅଭିମନ୍ୟୁ ସାହୁଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଗଲା । ଏହି ସଭାରେ ସଂଘର ସଭାପତି ଶ୍ରୀଯୁକ୍ତ ବୀର କିଶୋର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଆବାହକ ଶ୍ରୀଯୁକ୍ତ ଅଦ୍ୱୈତ କୁମାର ଶତପଥି ସଭା ପରିଚ୍ଛଳନା କରିଥିଲେ ।

## କିଚେନ୍ ଗାର୍ଡେନ୍ ଜରିଆରେ ନିରନ୍ତର ଜୀବନଜୀବିକାର ପ୍ରସାର

ଯୋଡ଼ା, (ପି.ଏନ): ଏକ କିଚେନ୍ ଗାର୍ଡେନ୍ (ରୋଷେଇ ଉଦ୍ୟାନ)ର ଗୁରୁତ୍ୱ ବ୍ୟାପକ। ଏହା ସୁଲଭ, ନିୟମିତ ଏବଂ ସହଜରେ ମିଳିପାରୁଥିବା ସତେଜ ପନିପରିବା ନିଶ୍ଚିତ କରିବ ଯାହା ପୁଷ୍ଟି ପାଇଁ ମୌଳିକ ଆବଶ୍ୟକତା। ସବୁଜ ପନିପରିବାରେ ରହିଛି ଭିଟାମିନ୍, ଖଣିଜ ଏବଂ ଲଘୁ ପୋଷକ ତତ୍ୱ ଯାହା ଲୋକମାନଙ୍କୁ ରୋଗରୁ ସୁରକ୍ଷା ପ୍ରଦାନ କରେ। ଏହି ପଦ୍ଧତିର ଚାଷ ଯୋଡ଼ାର ବିଭିନ୍ନ ଅଂଚଳ ବିଶେଷ କରି ଖନ୍ଦବନ୍ଧ ଓ ଗୁରୁଡ଼ାରେ ବେଶ ଲୋକପ୍ରିୟ ହୋଇପାରିଛି। କିଚେନ୍ ଗାର୍ଡେନ୍ ସ୍ଥାପନ କରିବା ଲାଗି ଚାରା ବଂଟନ କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି- ଦୁଇଟି ଗ୍ରାମର ପରିବାରରେ ୧୨୦ ଚାରା ବଂଟନ କରାଯାଇଛି। ଯୋଡ଼ାର କାର୍ଯ୍ୟ କ୍ଷେତ୍ରରେ ପ୍ରାୟ ୧୬୬ ପରିବାରକୁ ୬୭୪ ଚାରା ପ୍ରଦାନ ବଂଟନ କରାଯାଇଛି। ଏହି ଚାରା ଗଛଗୁଡ଼ିକ ହେଉଛି ଅମୃତଭଣ୍ଡା ଓ ସଜନା ଭଳି ଫଳ ପ୍ରଦାନକାରୀ ଚାରା।ସାଧାରଣତଃ ସ୍ଥାନୀୟ ଗୋଷ୍ଠୀ ନିଜ ବାଡ଼ି ପଟେ ଏକପ୍ରକାର ପନିପରିବା କରନ୍ତି। ଗୋଟିଏ ପର୍ଯ୍ୟାୟ ସଚେତନତା ପରେ ସେମାନେ ପତ୍ର, ବୁଦା ଏବଂ କ୍ରିପର ଆଦି ତିନି ସ୍ତରୀୟ ଫସଲ ଆରମ୍ଭ କରିଛନ୍ତି।ବିବିଧ ସ୍ତରୀୟ ଚାଷ ଚାଷୀମାନଙ୍କ ଲାଗି ସାରା ବର୍ଷ ପନିପରିବା ଚାଷ କରିବାର ନୂଆ ଦ୍ୱାର ଉନ୍ମୁକ୍ତ କରିଛି କାରଣ ଏଥିରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହେବାର ଆଶଙ୍କା କମ୍ ରହିଥାଏ। ଏହା ଏକ ସମ୍ଭାବ୍ୟ ଜ୍ଞାନକୌଶଳ ଯାହା ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରିଥାଏ। ଏହି ବ୍ୟବସ୍ଥା ପରିବେଶର ଉତମ ବ୍ୟବହାରରେ ସହାୟକ ହୋଇଥାଏ, ବିବିଧ ପରିବେଶ ସ୍ଥିତିରେ ଶ୍ରେଷ୍ଠ ଅମଳରେ ସ୍ଥିରତା ସମେତ ମୃତିକା ଓ ଅନ୍ୟାନ୍ୟ ସମ୍ପଦର ସଂରକ୍ଷଣ କରିଥାଏ।ଦେବରା ମୁଣ୍ଡାଙ୍କ ବୟସ ୪୫ ବର୍ଷ ଓ ସେ ଖନ୍ଦବନ୍ଧର ବାସିନ୍ଦା।

## ବିଶ୍ୱ ସର୍ବଧର୍ମ ପ୍ରାର୍ଥନା ଦିବସ ପାଇଁ ଶିବାନନ୍ଦ ଆଶ୍ରମରେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ବିଶ୍ୱ ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଶ୍ୱ ସର୍ବଧର୍ମ ପ୍ରାର୍ଥନା ସଭାର ଦାୟୀତ୍ୱ ଡଃ. ବାସୁଦେବ ଦାସ ଏବଂ ବଳଦେବ ସଂସ୍କୃତି ଗବେଷକ ନିରଞ୍ଜନ ମେକାପକୁ ଅର୍ପଣ କରାଯାଇଥିଲା। ଆସନ୍ତା ନଭେମ୍ବର ମାସରେ ଏସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲାର ବିଧାୟକମାନଙ୍କ ସହ ଆଲୋଚନା କରି ଆଗାମୀ ପ୍ରାର୍ଥନା ଦିବସକୁ ବିଶ୍ୱ ସ୍ତରୀୟ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ନଭେମ୍ବର ଦ୍ୱିତୀୟ ସପ୍ତାହରେ ଭୁବନେଶ୍ୱରରେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ଅମ୍ବିକା ପ୍ରସାଦ ଦାସ ଓ ଦେବେନ୍ଦ୍ର ସୁଆରଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ କପାଳେଶ୍ୱର ସରପଞ୍ଚ ଗାୟତ୍ରୀ ମହାନ୍ତି, ଦ୍ରୌପଦୀ ରାଉତ, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ନୃସିଂହ ଚରଣ ତ୍ରିପାଠୀ, ବିଚିତ୍ର ବେହେରା, ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭାଗବତ କଥାମୃତର ଆନ୍ତର୍ଜାତିକ ଆଭାସି ଲୋକାର୍ପଣ




ଟରୋଣ୍ଟୋ / ରୋଡ୍ସ ଆଇଲାଣ୍ଡ / ଲଣ୍ଡନ / ଡବ୍‌ଲିନ୍ / ଭୁବନେଶ୍ୱର / ଘୋଳପୁର,(ପି.ଏନ) : ପ୍ରଖ୍ୟାତ କବି ଏବଂ ଆତ୍ମିକ ସାଧକ ପାଣ୍ଡବ ଚରଣ ଦାସଙ୍କ ଦ୍ୱାରା ରଚିତ କାବ୍ୟ ଭାଗବତ କଥାମୃତର ନିକଟରେ ଆନ୍ତର୍ଜାତିକ ଆଭାସି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟରୋଣ୍ଟୋର ବିଦ୍ୟା ପବ୍ଲିସିଂ ଇଙ୍କ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଶ୍ରୀମଦ୍ ଭଗବତର ୬୫ଟି ଉପାଖ୍ୟନକୁ ସନ୍ନିବେଶିତ କରାଯାଇଛି। ୭୩ବର୍ଷ ବୟସ୍କ ଲେଖକ ଶ୍ରୀ ଦାସ ତାଙ୍କର ଏହି ଅନବଦ୍ୟ, ଅନନ୍ୟ ଓ ଅସାଧାରଣ ସର୍ଜନାରେ ଭଗବାନଙ୍କର ଅପାର ଲୀଳା ଏବଂ ଅପରୂପ ମହିମାକୁ ବେଶ୍ ସହଜ, ସୁନ୍ଦର, ସରଳ ଓ ସାବଳୀଳ ଶୈଳୀରେ ଉପସ୍ଥାପନ କରିଥିବା ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଡଃ ପ୍ରସନ୍ନ ପାଟ୍ଟଶାଣୀ, ଡଃ ଇତିରାଣୀ ସାମନ୍ତ ଓ ଡଃ ପ୍ରଦୀପ କୁମାର ମିଶ୍ର ମିଳିତ ଭାବେ ବହିଟିକୁ ପ୍ରଦର୍ଶନ ପୂର୍ବକ ଉନ୍ମୋଚନ କରିଥିଲେ। ସାରସ୍ୱତ ସଭାକୁ ବିଦ୍ୟା ପବ୍ଲିସିଂର ପ୍ରତିଷ୍ଠାତା ଡଃ ସୁନନ୍ଦା ମିଶ୍ର ପଣ୍ଡା ଏବଂ ଅଧ୍ୟକ୍ଷ ଡଃ ତନ୍ମୟ ପଣ୍ଡା ଅତ୍ୟନ୍ତ ସୂଚାରୁ ରୂପେ ସଞ୍ଚାଳନା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ଡଃ ସୁନନ୍ଦା ମିଶ୍ର ପଣ୍ଡା, ମୋହ, ମାୟା, ଆକାଂକ୍ଷା ଓ ଅହଁକାର ଆଦି ପ୍ରବୃତ୍ତିକୁ ଦୂର କରି ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ଆତ୍ମସମର୍ପଣ କରିବା ଭାଗବତ ଦର୍ଶନର ମୂଳ ଭିତ୍ତି ବୋଲି ଦର୍ଶାଇଥିଲେ। ଓଡ଼ିଶାର ସାହିତ୍ୟ, ସଂସ୍କୃତିର ସ୍ୱତନ୍ତ୍ରତାକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିବା ବିଦ୍ୟା ପବ୍ଲିସିଂର ମୂଳ ଲକ୍ଷ ବୋଲି ଡଃ ତନ୍ମୟ ପଣ୍ଡା ଉଲ୍ଲେଖ କରିଥିଲେ। ବିଶ୍ୱ ସାହିତ୍ୟରେ ଓଡ଼ିଶାର ଭାଷାନ୍ତର ଏବଂ ବିସ୍ମରୀୟ ହୋଇଯାଉଥିବା କୃତିଗୁଡ଼ିକର ପୁନରୁତ୍ଥାନ ତଥା ଅଜଣା ପ୍ରତିଭାଙ୍କୁ ପରିଚିତି ପ୍ରଦାନ କରିବା ପାଇଁ ତାଙ୍କର ପ୍ରକାଶନ ସଂସ୍ଥା ପ୍ରାଥମିକତା ଦେଉଥିବା ଡଃ ପଣ୍ଡା ସୂଚାଇଥିଲେ। ସମାବେଶକୁ ସମ୍ବୋଧନ କରି ଡଃ ପ୍ରସନ୍ନ ପାଟ୍ଟଶାଣୀ ଏହି ପୁସ୍ତକ ଦ୍ୱାରା ଲେଖକ ପଣ୍ଡବ ଚରଣ ଦାସ ଓଡ଼ିଆ ସାହିତ୍ୟରେ ପୁରାଣ, ପରମ୍ପରା, ଧର୍ମ, ଐତିହ୍ୟ ଓ ଆତ୍ମିକ ଚେତନାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିବା କହିଥିଲେ। ସାହିତ୍ୟ ଓ ଲୋକ ସଂସ୍କୃତିର ଗବେଷକ ଡଃ ପ୍ରଦୀପ କୁମାର ମିଶ୍ର, ଭାଗବତ ମୃତ୍ୟୁ ଚେତନା ଏବଂ ମାନବ ଜୀବନର ମୁକ୍ତି ପଥର କାହାଣୀ ବୋଲି ଉଲ୍ଲେଖ କରିଥିଲେ। ଏହି ଭକ୍ତି ଗ୍ରନ୍ଥ ନିତ୍ୟ ପଠନୀୟ, ଶ୍ରବଣୀୟ, ସ୍ମରଣୀୟ, ପାଳନୀୟ ଓ କରଣୀୟ ବୋଲି ଡଃ ମିଶ୍ର ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଡଃ ଇତିରାଣୀ ସାମନ୍ତ ସାଧାରଣ ଲୋକଙ୍କ ପାଖରେ ସ୍ରଷ୍ଟାର ସୃଷ୍ଟି ପହଞ୍ଚିପାରିଲେ ଏବଂ ଏହା ତା' ପାଇଁ ବୋଧଗମ୍ୟ ହେଲେ ସୃଷ୍ଟି ସଂରଚନାର ଉଦ୍ଦେଶ୍ୟ ସାର୍ଥକ ହୁଏ ବୋଲି ଦର୍ଶାଇଥିଲେ।ବହିର ଲେଖକ ପାଣ୍ଡବ ଚରଣ ଦାସ, ସମଗ୍ର ଭାଗବତ ନମ୍ରତା ଓ ଅହଁକାର ଭଳି ଦୁଇଟି ମାତ୍ର ଶବ୍ଦକୁ କେନ୍ଦ୍ର କରି ରଚିତ ବୋଲି ପ୍ରକାଶ କରିଥିଲେ। ଭାଗବତର ଗୁଢ଼ ତତ୍ତ୍ୱକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାଷାରେ ବର୍ଣ୍ଣନା କରି ଶ୍ରୀ ଦାସ ଅହଁକାରକୁ ପରିତ୍ୟାଗ କରି ବ୍ୟକ୍ତି ମନରେ ନମ୍ରତା ସ୍ୱଭାବ ଜାଗ୍ରତ ହେଲେ ସେ ଭଗବତ ସତ୍ତାକୁ ଲାଭ କରିଥାଏ ବୋଲି କହିଥିଲେ। ଶିକ୍ଷାବିତ୍ ଜୀତେନ୍ଦ୍ର କର ପ୍ରତିଭାଧାରୀ ପାଣ୍ଡବଙ୍କର ସୁଲେଖା ତାଙ୍କୁ ବିଶ୍ୱଭରି ସ୍ୱୀକୃତି ପ୍ରଦାନ କରିଥିବା ଉଲ୍ଲେଖ କରିଥିଲେ। ଆୟାରଲାଣ୍ଡରେ ଅବସ୍ଥାପିତ ଲେଖକଙ୍କର କନ୍ୟା ଶ୍ରୀମାରାଣୀ ଦାସ ପିତାଙ୍କର ରଚନା 'ଓଡ଼ିଶା ମାଟିରେ ଜନମ ଆମର ଓଡ଼ିଆ ମାତୃଭାଷା' ଗାନ କରିଥିଲେ। ଧୀରେନ୍ଦ୍ର କର ଭାଗବତ ଓଡ଼ିଆ ଜାତି, ସାହିତ୍ୟ ଓ ଅସ୍ମିତାର ପରିଚୟ ବୋଲି କହିଥିଲେ। ଲେଖକଙ୍କର ବୋହୂ ଜୀଲୁ ଦାସ ତାଙ୍କର ଶ୍ୱଶୁର ସତ୍ୟ, ନ୍ୟାୟ ଓ ନିଷ୍ଠାକୁ ଜୀବନର ସହଯାତ୍ରୀ କରିଥିବା ସୂଚାଇଥିଲେ। ଏହି ଅବସରରେ ଆମେରିକାରୁ ଚନ୍ଦ୍ରା ମିଶ୍ର, ବାହାରିନ୍‌ରୁ ସୁବାସ ସାହୁ, ମୁମ୍ବଇରୁ ଧର୍ମେନ୍ଦ୍ର କର ଓ ବେଙ୍ଗାଲୁରୁର ପ୍ରଦୀପ କୁମାର ସାହୁ, ଲେଖକ ଓ ପ୍ରକାଶକଙ୍କୁ ସାଧୁବାଦ ଜଣାଇଥିଲେ। ଭାଗବତକୁ ଘରେ ଘରେ ପହଞ୍ଚାଇବା ୟୁ.କେର ଶ୍ରୀଜଗନ୍ନାଥ ସୋସାଇଟି ଦ୍ୱାରା ସ୍ଥାପିତ ଭାବତ ଟୁଙ୍ଗୀର ଲକ୍ଷ୍ୟ ବୋଲି ଡଃ ଜୟଶ୍ରୀ ନନ୍ଦ ପ୍ରକାଶ କରିଥିଲେ।ପ୍ରାରମ୍ଭରେ କିଟ୍ ଓ କିସ୍‌ର ସଂସ୍କୃତି ନିର୍ଦ୍ଦେଶକ ଡଃ ଅବନ୍ତିକା ପଟ୍ଟନାୟକ, ବେଦ ମନ୍ତ୍ର ପାଠ କରି ସମଗ୍ର ପରିବେଶକୁ ଭକ୍ତିପୂତ କରିବା ସହିତ ଦର୍ଶକମାନଙ୍କୁ ଐଶ୍ୱରିକ ଉଚ୍ଛ୍ୱାସକୁ ଆସ୍ୱାଦନ କରିବାର ଅପାସୋରା ସୁଯୋଗ ସୃଷ୍ଟି କରିଥିଲେ। ୟୁ.କେସ୍ଥିତ ଶ୍ରୀଜଗନ୍ନାଥ ସୋସାଇଟି ଦ୍ୱାରା ପରିଚାଳିତ ଭାଗବତ ଟୁଙ୍ଗୀ ଏବଂ କାନାଡ଼ାସ୍ଥିତ କାଁସା କଲଚରାଲ ସେଣ୍ଟରର ମିଳିତ ସହଯୋଗରେ ଆୟୋଜିତ ଏହି ଲୋକାର୍ପଣ ଅଧୀବେଶନ ଶେଷରେ ଅକ୍ଷୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ମୁମ୍ବାଇରୁ ଉଦୀୟମାନ କଣ୍ଠଶିଳ୍ପୀ ଅମ୍ରିତା ଭାରତୀ ଏବଂ ଭୁବନେଶ୍ୱରରୁ ପ୍ରସିଦ୍ଧ ଗାୟକ କୈଳାସ ବୈଷ୍ଣବଙ୍କର ମର୍ମସ୍ପର୍ଶୀ ଭଜନ ପରିବେଷଣ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା।ଉପସ୍ଥିତ ମାନ୍ୟଗନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବସନ୍ତ କୁମାର ପଣ୍ଡା, ଡଃ ପ୍ରକାଶ ଦେ, ସୁଶାନ୍ତ କୁମାର ପଟ୍ଟ, ଦିପ୍ତୀ ରଞ୍ଜନ ଦେ, ରୋଜାଲୀନ ପାଟ୍ଟଶାଣୀ ମିଶ୍ର, ସୁଶ୍ରୀ ମହାନ୍ତି, ସୁଭଦ୍ରା ଦାସ, ଭାରତଭୂଷଣ ଦାସ ଏବଂ ବିଭୁତିଭୂଷଣ ଦାସ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଡିଜିଟାଲ ମଞ୍ଚରେ ବିଶ୍ୱର ବହୁ ଦେଶର ପ୍ରବାସୀ ଓଡ଼ିଆ ଏବଂ ଜଗନ୍ନାଥ ପ୍ରେମୀ ଜନସାଧାରଣ ଯୋଗଦେଇଥିବା ଦେଖାଯାଇଥିଲା।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray